नवभारत
छत्तीसगढ़ • ओडिशा
Odisha Patrika - 11 Aug 2022 - 11bsrp4



# बिरला ग्लोबल यूनिवर्सिटी ने चलाया जागरुकता अभियान

**भुवनेश्वर।** बिरला ग्लोबल विश्वविद्यालय के राष्ट्रीय सेवा योजना ब्यूरो (एनएसएस), भुवनेश्वर ने जनता के बीच 'हर किसी के घर में तिरंगा' के बारे में जागरूकता पैदा करने के लिए एक वॉकथॉन का आयोजन किया। इस वॉकथॉन का उद्देश्य देशभक्ति की भावना को जगाना, सभी के घर में तिरंगा फहराना और भारत की आजादी के 75 वें वर्ष के उत्सव को प्रोत्साहित करना है। इस अवसर पर विश्वविद्यालय के छात्रों, कर्मचारियों और अध्यापकों ने भुवनेश्वर के कीलिंग स्टेडियम से कमिश्नरेट पुलिस कार्यालय तक राष्ट्रीय ध्वज को फहराते हुए रैली निकालकर हर घर तिरंगा के महत्व के बारे में जन जागरूकता पैदा किया। इस अवसर पर पुलिस आयुक्त (कटक-भुवनेश्वर) सौमेंद्र कुमार प्रियदर्शी, राष्ट्रीय सेवा योजना ब्यूरो की क्षेत्रीय निदेशक सरिता पटेल ने छात्रों को संबोधित किया।

ସକାଳ
THE SAKALA
BBSR - 10 Aug 2022 - Page 9

# ବିଜିୟୁ ପକ୍ଷରୁ ୱାକାଥନ୍ ଆୟୋଜିତ




**ଭୁବନେଶ୍ୱର, ୯।୮ (ସମିସ):** ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ(ବିଜିୟୁ)ର ଜାତୀୟ ସେବା ଯୋଜନା ବ୍ୟୁରୋ ସମସ୍ତଙ୍କ ଘରେ ତ୍ରିରଙ୍ଗା ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ୱାକାଥନ ଆୟୋଜନ କରିଛି। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଅଧ୍ୟାପକ, ଅଧ୍ୟାପିକାମାନେ ଅନାବୃତ୍ତ ଜାତୀୟ ପତାକା ଧରି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରୁ କମିଶନରେଟ୍ ପୋଲିସ୍ ଅଫିସ୍ ପର୍ଯ୍ୟନ୍ତ 'ହର ଘର ତ୍ରିରଙ୍ଗା'ର ମହତ୍ତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ପୋଲିସ୍ କମିଶନର (କଟକ-ଭୁବନେଶ୍ୱର), ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଜାତୀୟ ସେବା ଯୋଜନା ବ୍ୟୁରୋର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ୍ ପ୍ରମୁଖ ଉପସ୍ଥିତଥିଲେ।

# Har Ghar Tiranga Campaign: ତ୍ରିରଙ୍ଗା ଶୋଭାଯାତ୍ରା କରି ସଚେତନ କଲେ ଛାତ୍ରଛାତ୍ରୀ

Published on: Aug 10, 2022, 10:08 AM IST




ଭୁବନେଶ୍ୱରରେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଛାତ୍ରଛାତ୍ରୀଙ୍କ ପକ୍ଷରୁ ତ୍ରୀରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ହର ଘର ତ୍ରିରଙ୍ଗା ଅଭିଯାନରେ ଲୋକ ମାନଙ୍କୁ ସଚେତନ କରିବା ପାଇଁ ହାତରେ ଜାତୀୟ ପତାକା ଧରି ଶୋଭାଯାତ୍ରା କଲେ ଛାତ୍ରଛାତ୍ରୀ । ଅଧିକ ପଢ଼ନ୍ତୁ

**ଭୁବନେଶ୍ୱର:** ରାଜଧାନୀରେ ଛାତ୍ରଛାତ୍ରୀଙ୍କ ତ୍ରିରଙ୍ଗା ଶୋଭାଯାତ୍ରା । ହର ଘର ତ୍ରିରଙ୍ଗା ଅଭିଯାନରେ ଜନ ସଚେତନତା ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା କରିଛନ୍ତି ବିର୍ଲା ଗ୍ଲୋବାଲ ୟୁନିଭରସିଟିର ଛାତ୍ରଛାତ୍ରୀ । ଆସନ୍ତା ସ୍ୱାଧିନତା ଦିବସ ପର୍ଯ୍ୟନ୍ତ ଓଡିଶାର ବିଭିନ୍ନ ସ୍ଥାନରେ ଲୋକଙ୍କ ପାଖକୁ ଯାଇ ଏପରି ସଚେତନତା କରାଯିବ ବୋଲି ସୂଚନା ଦେଇଛନ୍ତି ବିର୍ଲା ଗ୍ଲୋବାଲ ୟୁନିଭରସିଟିର ଅଧିକାରୀ ସିଦ୍ଧାର୍ଥ ମିଶ୍ର ।




'ହର ଘର ତ୍ରୀରଙ୍ଗା' ନେଇ ଜନସଚେତନତା, ରାଜଧାନୀରେ ଛାତ୍ରଛାତ୍ରୀଙ୍କ ତ୍ରୀରଙ୍ଗା ଶୋଭାଯାତ୍ରା

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କି ଅମୃତ ମହୋତ୍ସବ ପାଳୁଛି ଦେଶ । ଏନେଇ ହର ଘର ତ୍ରିରଙ୍ଗା ଅଭିଯାନ ଆରମ୍ଭ କରିଛନ୍ତି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି । ସମସ୍ତଙ୍କୁ ନିଜ ଘରେ ଜାତୀୟ ପତାକା ଉଡ଼ାଇବାକୁ ଅନୁରୋଧ କରିଛନ୍ତି ସରକାର । ତେବେ ଏନେଇ ଲୋକ ମାନଙ୍କୁ ସଚେତନ କରିବା ପାଇଁ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଛାତ୍ରଛାତ୍ରୀଙ୍କ ପକ୍ଷରୁ ରାଜଧାନୀରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଛି । କଳିଙ୍ଗ ଷ୍ଟାଡିୟମରୁ ବାହାରି ଛାତ୍ରଛାତ୍ରୀ ମାନେ କମିସନରେଟ ପୋଲିସ ମୁଖ୍ୟାଳୟ ପୋଲିସ ସେବା ଭବନ ଠାରେ ପହଞ୍ଚିଥିଲେ । ସେଠାରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କାର୍ଯକ୍ରମରେ ଭାଗନେବା ସହ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ ।

**ଇଟିଭି ଭାରତ, ଭୁବନେଶ୍ୱର**